# ତହସିଲଦାର, କୋକସରାଙ୍କ କାର୍ଯ୍ୟାଳୟ, ଜିଲ୍ଲା-କଳାହାଣ୍ଡି

ବିଜ୍ଞପ୍ତି ସଂଖ୍ୟା .୧୭୭୨ /                ତା. ୨୫/୦୮/୨୦୧୮

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ କୋକସରା ତହସିଲ ଅନ୍ତର୍ଗତ ନିମ୍ନଲିଖିତ ୨୬ ଗୋଟି ସୈରାତ ଉତ୍ସ (ଲଘୁ ଖଣିଜ ଖାଦାନ) ଗୁଡିକର ୨୦୧୭-୨୦୧୮ ଆର୍ଥିକ ବର୍ଷଠାରୁ ଦିର୍ଘମିଆଦୀ ଲିଜ୍ ୫ (ପାଂଚ) ବର୍ଷ ନିମନ୍ତେ (୨୦୧୮-୧୯ ଠାରୁ ୨୦୨୨-୨୩) ପାଇଁ ତହସିଲଦାର, କୋକସରାଙ୍କ ଦ୍ୱାରା ଦରଖାସ୍ତ ଆହ୍ୱାନ କରାଯାଉଛି । ଇଚ୍ଛୁକ ବ୍ୟକ୍ତିବିଶେଷ OMMC (Amendment) Rules-2014 and 2015 ର Form-J ପୂରଣକରି ଏହାର ତିନି କପି ସହ ନିମ୍ନଲିଖିତ କାଗଜାତ ସଂଲଗ୍ନ କରି ଜଉମୁଦ ଲଫାପା (Sealed Cover) ରେ ସୌରାତ ଉତ୍ସର ନାମ ଉଲ୍ଲେଖ କରି ଆବେଦନ କରିବେ, ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଆସନ୍ତା ତା. ୨୫. ୦୯. ୨୦୧୮ ରୁ ତା. ୨୯. ୦୯. ୨୦୧୮ ରିଖ ଅପରାହ୍ନ ୫ ଘ. ସୁଦ୍ଧା ତହସିଲ ଅଫିସ୍‌ରେ ଥିବା Drop Box ରେ ପକାଇବେ । ଲଫାପା ଉପରେ ସୈରାତ ଉତ୍ସର ନାମ ଓ ସୌରାତ କେଶ ନଂ. ଲେଖାଥୀବା ଆବଶ୍ୟକ । ଅସମ୍ପୂର୍ଣ୍ଣ ଦରଖାସ୍ତ ଏବଂ ତା. ୨୯. ୦୯. ୨୦୧୮ ରିଖ ଅପରାହ୍ନ ୫ ଘ । ପରେ ପ୍ରାପ୍ତ ହୋଇଥାବା ଦରଖାସ୍ତଗୁଡିକୁ ବିଚାରକୁ ନିଆଯିବ ନାହିଁ । ତା. ୦୧. ୧୦. ୨୦୧୮ ରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ଲିଜ ଦରଖାସ୍ତ କାରି କିମ୍ବା କ୍ଷମତା ପ୍ରାପ୍ତ ପ୍ରତିନିଧୀଙ୍କ ଉପସ୍ଥିତିରେ ଦରଖାସ୍ତଗୁଡିକ ତହସିଲଦାରଙ୍କ କାର୍ଯ୍ୟାଳୟର ପ୍ରକୋଷ୍ଠରେ ତନଖି କରାଯାଇ ଯୋଗ୍ୟ ଲିଜଧାରି ଚୟନ କରାଯିବ । ଉପରୋକ୍ତ ପ୍ରଥମ ନିର୍ଦ୍ଧାରିତ ତାରିଖରେ ଯେଉଁ ସଇରାତ ଉତ୍ସଗୁଡିକ ବୈଧ ଦରଖାସ୍ତ ଅଭାବରୁ ସ୍ଥିରିକୃତ ହୋଇ ନ ପାରିବ ପୁନଶ୍ଚ ପରବର୍ତ୍ତୀ ନିର୍ଦ୍ଧାରିତ ତାରିଖ ଯଥା ଦ୍ୱିତୀୟ ପର୍ଯ୍ୟାୟ ତା. ୦୪. ୧୦. ୨୦୧୮ ଓ ତୃତୀୟ ପର୍ଯ୍ୟାୟ ତା. ୦୬. ୧୦. ୨୦୧୮ ରିଖ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ ଦରଖାସ୍ତ ଗ୍ରହଣ କରାଯିବ ଏବଂ ଉପରୋକ୍ତ ପ୍ରକାରେ ଦରଖାସ୍ତ ଗ୍ରହଣର ପରଦିନ ପୂର୍ବାହ୍ନ ୧୧ ଘଟିକାରେ ତନଖି କରାଯାଇ ଲିଜଧାରି ଚୟନ କରାଯିବ । ସୈରାତ ଉତ୍ସ ଓ ଲିଜ ସମ୍ବନ୍ଧିୟ ସମସ୍ତ ସ ୍ବିବଳି ତହସିଲ କାର୍ଯ୍ୟାଳୟରେ (ଛୁଟିଦିନ ବ୍ୟତିତ) ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ । ଏହା ମଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କଳାହାଣ୍ଡି / ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଧର୍ମଗଡ / ଗୋଷ୍ଠି ଉର୍ନ୍ନୟନ ଅଧିକାରୀ, କୋକସରା ବ୍ଲକ / ସମ୍ପୃକ୍ତ ଗ୍ରାମ ପ ାୟତ / ସମସ୍ତ ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ ଓ କଳାହାଣ୍ଡି ଜିଲ୍ଲା ୱେବ୍ ସାଇଟ୍ www.kalahandi.nic.in ରେ ମିଳିପାରିବ । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ । ଅସଂପୂର୍ଣ୍ଣ ଦରଖାସ୍ତଗୁଡିକ ବାତିଲ କରାଯିବ । କୌଣସି କାରଣ ନ ଦର୍ଶାଇ ଲିଜକୁ ସ୍ଥଗିତ ବା ରଦ୍ଦ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କ ରହିଅଛି ।

## ଦାଖଲ କରିବାକୁ ଥିବା କାଗଜାତ

୧. ୩ କପି ଦରଖାସ୍ତ ଫି ପାଇଁ ଟ.୧୦୦୦.୦୦ (ଏକ ହଜାରଟଙ୍କା)ର ଟ୍ରେଜେରି ଚାଲାଣ ଯାହାକି ଫେରସ୍ତ ଯୋଗ୍ୟ ନୁହେଁ ।
୨. ଆବେଦନ କରିଥିବା ଲିଜ୍ ଜମିର ସଂପୂର୍ଣ୍ଣ ବିବରଣୀ ଓ ନକ୍ସା ।
୩. କୌଣସି ମାଇନିଙ୍ଗ ଭରଣା ବକେୟା ନ ଥିବା ନେଇ ଏକ ସତ୍ୟପାଠ ।
୪. ଆବେଦନ ଜମି ଯଦି ରୟତି ହୋଇଥାଏ, ତେବେ ସେହି ଜମିର ମାଲିକଙ୍କ ସହମତି ।
୫. ଆବେଦନକାରୀ ୫,୦୦,୦୦୦/- ଟଙ୍କାର ସଲ୍‌ଭେନ୍ସି ସାର୍ଟିଫିକେଟ ତଥା ଅନ୍ୟାନ୍ୟ ସ୍ଥାବର ସଂପତିର ବିବରଣୀ ।
୬. ଅନ୍ୟ ବିବରଣୀ ଯଥା, ବୈଷୟିକ ଜ୍ଞାନ, ଦକ୍ଷତା, ଆର୍ଥିକ ସ୍ଥିତି, ଯନ୍ତ୍ରପାତି ଇତ୍ୟାଦି ।
୭. VAT Clearance ସାର୍ଟିଫିକେଟ୍‌ର ନକଲ ।

## ସର୍ତାବଳୀ

୧. ଆବେଦନକାରୀମାନେ ଓଡିଶା ଲଘୁ ଖଣିଦ୍ରବ୍ୟ ନିୟମାବଳୀ ୨୦୦୪ ଓ OMMC (Amendment) Rules 2014 & 2015 ପରିସରଭୁକ୍ତ ରହିବେ ।
୨. ଲିଜ୍ ଭାଗନେବା ପୂର୍ବରୁ ଲଘୁ ଖଣିଜ ଖାଦାନଗୁଡିକ ପରିଦର୍ଶନ କରି ସୈରାତ୍ ପରିଚାଳନା ପାଇଁ ଗମନା ଗମନ ସୁବିଧା ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସଂପର୍କରେ ପର୍ଯ୍ୟବେକ୍ଷଣ କରି ଲିଜ୍‌ରେ ଅଂଶଗ୍ରହଣ କରିବେ । ଯେଉଁ ସଇରାତ ଉତ୍ସଗୁଡିକୁ ସରକାରୀ ରାସ୍ତା ନାହିଁ ସେଥିରେ ଲିଜରେ ନେଇଥିବା ବ୍ୟକ୍ତି ସଇରାତ ଉତ୍ସକୁ ଗମନା ଗମନର ବ୍ୟବସ୍ଥା ନିଜ ଦାୟୀତ୍ୱରେ କରିବେ ।
୩. ଲିଜ୍ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କର୍ତୃପକ୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦାୟୀ ରହିବେ ନାହିଁ ।
୪. ବିଜ୍ଞାପନ ଖର୍ଚ୍ଚ ସର୍ବୋଚ୍ଚ ଲିଜ୍‌ଧାରୀମାନେ ସମାନୁପାତିକ ଭାବେ ବହନ କରିବେ ।
୫. ସର୍ବୋଚ୍ଚ ଲିଜ୍‌ଧାରୀ ନିଜଖର୍ଚ୍ଚରେ ମାଇନିଙ୍ଗ ପ୍ଲାନ୍ ତିଆରି କରି ସଂପୃକ୍ତ ଅଧିକାରୀଙ୍କ ଅନୁମୋଦନ ପରେ ଦାଖଲ କରିବେ, ନଚେତ୍ ଲିଜ୍ ବାତିଲ କରାଯିବ ଏବଂ Environment clearance ନିଜ ଖର୍ଚ୍ଚରେ କରାଇବେ ।
୬. ମାଇନିଙ୍ଗ ପ୍ଲାନରେ ଦର୍ଶା ଯାଇଥିବା ଗଚ୍ଛିତ ଲଘୁ ଖଣିଜ ଦ୍ରବ୍ୟର ପରିମାଣ ତଥା ଲିଜ୍‌ଧାରୀଙ୍କ ଦ୍ୱାରା ଦର୍ଶାଇଥିବା ଏକକ ରୟାଲ୍‌ଟି ର ରାଶିକୁ ଗୁଣନ କଲେ ଯେଉଁ ପରିମାଣ ଅର୍ଥ ହେବ, ରାଶି Environment Clearance ଆଣିସାରିଲା ପରେ ପୈଠ କରିବେ । ସଂପୂର୍ଣ୍ଣ ରାଶି ପୈଠ ହେଲାପରେ ଲିଜ୍‌ଧାରୀ ରେଜିଷ୍ଟ୍ରେସନ ଆକ୍ଟ ୧୯୦୮ ଓ ଷ୍ଟାମ୍ପ ଆକ୍ଟ ୧୯୯୯ ଅନୁଯାୟୀ ଚୁକ୍ତିପତ୍ର (Execution of Lease

୮. ଲିଜ୍‌ଧାରୀ ସଂପୃକ୍ତ ଅଧିକରୀଙ୍କ ଦ୍ୱାରା ଠିକ୍ ହୋଇଥିବା ଅମାନତ ରାଶି ୧୦% ଲିଜ୍ ପ୍ରକ୍ରିୟା ସଂପୂର୍ଣ୍ଣ ହେବାର ୭ (ସାତ) ଦିନ ମଧ୍ୟରେ ଡିମାଣ୍ଡ ଡ୍ରାଫ୍ଟ, କିମ୍ବା ନଗଦ ଆକାରରେ ଜମା କରିପାରିବେ ।

୯. ପୂର୍ବରୁ କୌଣସି ମାଇନିଙ୍ଗ ଦେୟ ବାକି ଥିଲେ ଦରଖାସ୍ତ ରଦ୍ଦ କରାଯିବ ।

୧୦. ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ମାଇନିଙ୍ଗ ପ୍ଲାନ ଓ ପରିବେଶ ମଞ୍ଜୁରୀ ଦାଖଲ ନ କଲେ ଅମାନତ ରାଶି ବ୍ୟାଜ୍ୟାପ୍ତ କରାଯିବ ।

୧୧. ପରିବେଶ ସମ୍ବନ୍ଧୀୟ ଅନୁମତି ଲିଜ୍‌ଧାରୀ ନିଜ ଦାୟୀତ୍ୱରେ ହାସଲ କରିବେ ।

୧୨. ପୁନଶ୍ଚ ନିୟମାବଳୀ ଅନୁଯାୟୀ ଆବଶ୍ୟକ ସ୍ଥଳେ ପୈଠ ହୋଇଥିବା ଜମାରାଶିକୁ ବ୍ୟାଜ୍ୟାପ୍ତ କରିବାର କ୍ଷମତାପ୍ରାପ୍ତ ଅଧିକରୀଙ୍କର ରହିଅଛି ।

୧୩. ଲିଜଧାରୀ ସମସ୍ତ ସ ର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜ୍‌ଧାରୀ ସୈରାତ ଉତ୍ସରୁ ଉଠାଇ ପାରିବେ ନାହିଁ ।

୧୪. ଲିଜ ସମ୍ବନ୍ଧୀୟ ସ ର୍ତ୍ତାବଳୀ କାର୍ଯ୍ୟାଳୟର ନୋଟିସ୍ ବୋର୍ଡରେ ଦେଖିପାରିବେ ।

୧୫. ଜମା ରୟାଲଟିର (୨%) ଲିଜ୍‌ଧାରୀ ଆୟକର ବାବଦକୁ ଚାଲାଣ ଆକାରରେ ଜମାକରିବେ ।

୧୬. ଲିଜ ସମ୍ବନ୍ଧିୟ ସମସ୍ତ ସର୍ତ୍ତାବଳୀ ପାଳନ କରୁଥିବା ସର୍ବାଧିକ ରୟାଲଟି ଦାଖଲ ପାଇଁ ଆବେଦନ କରିଥିବା ଆବେଦନକାରୀଙ୍କୁ ଲିଜ୍ ଦିଆଯିବ ।

୧୭. ରୟାଲଟି ମୂଲ୍ୟର ଶତକଡା ୫ ଭାଗ ଅର୍ଥ ପରିବେଶ ପରିଚାଳନା ପାଣ୍ଠି ବାବଦକୁ ପୈଠ କରିବେ ।

୧୮. ସର୍ବୋଚ୍ଚ ରୟାଲଟି ଦାଖଲ ପାଇଁ ଦରଖାସ୍ତ କରିଥିବା ଆବେଦନକାରୀ ଲିଜ୍ ନ ନେଲେ ତତ୍ ପରବର୍ତ୍ତୀ ଆବେଦନକାରୀଙ୍କୁ ସୁଯୋଗ ଦିଆଯିବ ।

୧୯. ବାଲି ଉଠାଣ ୩ ମିଟର ଗଭୀର କିମ୍ବା ଜଳସ୍ତର ପର୍ଯ୍ୟନ୍ତ ଏଥି ମଧ୍ୟରୁ ଯେଉଁଟି କମ୍ ଅଟେ ।

୨୦. ଲିଜ୍‌ଧାରୀ OMMC Rule-28 ଧାରାନୁଯାୟୀ ସରକାରଙ୍କ ଦ୍ୱାରା ପରିବର୍ତ୍ତୀତ/ବର୍ଦ୍ଧିତ ହେଉଥିବା ରୟାଲିଟି ଇତ୍ୟାଦି ମୂଲ୍ୟ ଦାଖଲ କରିବାକୁ ପଡିବ ।

୨୧. ସରକାରୀ ରୟାଲିଟି ଧାର୍ଯ୍ୟ ଦରଠାରୁ କମ ଦରରେ ଦରଖାସ୍ତ କରିଥିବା ଦରଖାସ୍ତକାରୀଙ୍କର J-Form ଖାରଜ କରାଯିବ ।

୨୨. ଆବେଦନକାରି ନୋଟିଫିକେସନ ନଂ. S.O. 190 (E), dt. 20.01.2016 of Govt. of India, Ministry of Environment Forest and Climate Change ନିୟମାବଳୀ ଅନୁଯାଇ ଲିଜଧାରି ପରିବେଷ ସମ୍ବନ୍ଧିୟ ଅନୁମତି ପାଇଁ ରୟାଲିଟି ମୂଲ୍ୟର ଶତକଡା ୧୦% ପ୍ରତିଶତ District Mineral Foundation (DMF) Funds ରେ ପଇଠ କରିବେ ।

TAHASILDAR

ତହସିଲଦାର, କୋକସରା

ଜ୍ଞାପକ ସଂଖ୍ୟା. ୧୭୭୩ ତା. ୨୫.୦୮.୨୦୧୮

ଏହାର ଏକକିତା ନକଲ ସହ ସଇରାତ ଉତ୍ସର ବିବରଣୀ ତହସିଲ ନୋଟିସ୍ ବୋର୍ଡ /ଉପଜିଲ୍ଲାପାଳ, ଧର୍ମଗଡ/ଜିଲ୍ଲାପାଳ, କଳାହାଣ୍ଡିଙ୍କ କାର୍ଯ୍ୟାଳୟ ନୋଟିସ୍ ବୋର୍ଡରେ ସମସ୍ତଙ୍କର ଅବଗତି ନିମନ୍ତେ Form-J ର ଏକ Sample କପି ସହ ପ୍ରେରଣ କରାଗଲା ।

TAHASILDAR

ତହସିଲଦାର, କୋକସରା

Memo N. 1774 / Dated .25.08.2018

Copy along with list of Sairat Source submitted to the District Informatics Officer, Kalahandi for upload in the District website for its wide publication

TAHASILDAR, KOKSARA

Memo No1775/ Dated.25.08.2018

Copy to R.I. Koksara/Ampani/Kusumkhunti/Kashibahal/B.D.O. Koksara/All G.P. of Koksara Block for information. He is requested to hang the Istahar in the Notice Board for wide publication.

TAHASILDAR, KOKSARA

# ସୈରାତ ଉତ୍ସର ବିବରଣୀ (୨୦୧୮-୧୯)

| କ୍ର. ନଂ. | ସୈରାତ କେ. ନଂ. | ସୈରାତ ଉତ୍ସର ନାମ | ମୌଜା / ଗ୍ରା.ପ.ର ନାମ | ଖାତା ନଂ. | ପ୍ଲଟ ନଂ. ଓ କିସମ | ରକବା (ଏକରରେ) | ପୁଞ୍ଜିକୃତ ସଂଖ୍ୟା | ପୁଞ୍ଜିକୃତ ସଂଖ୍ୟା |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ରା. ନି. ମ. କୋକସରା | | | | | | | | |
| ୧ | ୦୧/୧୮ | ବାଲି | ଚିଲିଗୁଡା (କୋକସରା ଗ୍ରା.ପ.) | ୩୪୨ | ୩୫୪ (ଆ.ଅ.ଅ ) | ୬.୫୦ ରୁ ୬.୦୦ | ୩୫.୦୦ | |
| ୨ | ୧୫/୧୮ | ବୋଲଡର | ବଙ୍ଗୋମୁଣ୍ଡା (ଗମ୍ଭାରିଗୁଡା ଗ୍ରା.ପ.) | ୨୪୦ | ୯୧୨ (ଆ.ଅ.ଅ. ଡୁଙ୍ଗରି) | ୧.୨୯ ରୁ ୦.୫୦ | ୧୩୦.୦୦ | |
| ୩ | ୧୬/୧୮ | ବୋଲଡର | ବଙ୍ଗୋମୁଣ୍ଡା (ଗମ୍ଭାରିଗୁଡା ଗ୍ରା.ପ.) | ୨୪୦ | ୨୧, ୨୭, ୪୦<br>(ଆ.ଅ.ଅ., ପଥର ଚଟାଣ ଓ ଡୁଙ୍ଗରି) | ୧.୫୮ ରୁ ୦.୬୯<br>୦.୩୨ ରୁ ୦.୨୦<br>୧.୩୫ ରୁ ୦.୩୧ | ୧୩୦.୦୦ | |
| ୪ | ୧୭/୧୮ | ବୋଲଡର | ବଙ୍ଗୋମୁଣ୍ଡା (ଗମ୍ଭାରିଗୁଡା ଗ୍ରା.ପ.) | ୨୪୦ | ୭୩୩, ୭୩୪, ୭୩୫, ୭୩୬, ୭୩୭ ଓ ୭୧୩<br>(ଆ.ଅ.ଅ., ଡୁଙ୍ଗରି) | ୧.୦୧ ରୁ ୦.୪୦<br>୦.୬୮ ରୁ ୦.୬୧<br>୧.୪୧ ରୁ ୧.୧୧<br>୦୩୮ ରୁ ୦.୧୭<br>୦.୨୦ ରୁ ୦.୦୭<br>୩.୪୦ ରୁ ୦.୮୨ | ୧୩୦.୦୦ | |
| ୫ | ୧୮/୧୮ | ବୋଲଡର | ବଙ୍ଗୋମୁଣ୍ଡା (ଗମ୍ଭାରିଗୁଡା ଗ୍ରା.ପ.) | ୨୪୦ | ୭୭୦, ୭୭୧,୭୮୦, ୭୮୨ ଓ ୭୮୭<br>(ଆ.ଅ.ଅ., ପଥର ଚଟାଣ ଓ ଡୁଙ୍ଗରି) | ୦.୪୬ ରୁ ୦.୧୮<br>୧.୬୭ ରୁ ୦.୩୫<br>୧.୦୨ ରୁ ୦.୨୭<br>୦.୨୨ ରୁ ୦.୧୨<br>୦.୧୭ ରୁ ୦.୦୮ | ୧୩୦.୦୦ | |
| ୬ | ୧୯/୧୮ | ବୋଲଡର | ବଙ୍ଗୋମୁଣ୍ଡା (ଗମ୍ଭାରିଗୁଡା ଗ୍ରା.ପ.) | ୨୪୦ | ୭୨୫<br>(ଆ.ଅ.ଅ., ପଥର ଚଟାଣ) | ୧.୩୫ ରୁ ୦.୮୦ | ୧୩୦.୦୦ | |
| ରା. ନି. ମ. କାଶିବାହାଲ | | | | | | | | |
| ୭ | ୨୬/୧୮ | ବାଲି | ଆଇଁଲି (ଲଡୁଗାଁ ଗ୍ରା. ପ.) | ୨୬୧ | ୧୧୦୦ (ଆ.ଅ.ଅ.) | ୧୧.୮୨ ରୁ ୩.୧୫ | ୩୫.୦୦ | |
| ୮ | ୨୩/୧୮ | ବାଲି | ଆଇଁଲି (ଲଡୁଗାଁ ଗ୍ରା. ପ.) | ୨୬୧ | ୧୧୦୦ (ଆ.ଅ.ଅ.) | ୧୧.୮୨ ରୁ ୩.୬୭ | ୩୫.୦୦ | |
| ୯ | ୨୪/୧୮ | ବାଲି | ଆଇଁଲି (ଲଡୁଗାଁ ଗ୍ରା. ପ.) | ୨୬୧ | ୧୧୦୦ (ଆ.ଅ.ଅ.) | ୧୧.୮୨ ରୁ ୫.୮୦ | ୩୫.୦୦ | |

| | | | | | | | | |
|---|---|---|---|---|---|---|---|---|
| ୧୦ | ୨୨/୧୮ | ବାଲି | ସୁନାମାଲ(ଲଡୁଗାଁ ଗ୍ରା. ପ.) | ୪୪୦ | ୧୪୯୦, ୧୫୦୫ (ଆ.ଅ.ଅ.) | ୧.୭୧ ରୁ ୧.୫୦<br>୧.୫୩ ରୁ ୧.୫୦ | ୩୫.୦୦ | |
| ୧୧ | ୨୯/୧୮ | ବୋଲଡର | ଧନସରା<br>(କାଶିବାହାଲ ଗ୍ରା. ପ.) | ୩୨୮ | ୮୪୧, ୮୪୫, ୮୪୬, ୮୪୭, ୮୪୮, ୮୪୯<br>(ଆ.ଅ.ଅ., ଡୁଙ୍ଗରି) | ୧.୦୦ ରୁ ୦.୭୬<br>୦.୪୮ ରୁ ୦.୨୨<br>୧.୮୫ ରୁ ୦.୧୬ | ୧୩୦.୦୦ | |
| ୧୨ | ୨୭/୧୮ | ବୋଲଡର | କାଶିବାହାଲ<br>(କାଶିବାହାଲଗ୍ରା. ପ.) | ୫୭୭ (କ) | ୧୪୪୨ (ଆ.ଅ.ଅ.) | ୭.୨୮ ରୁ ୩.୦୦ | ୧୩୦.୦୦ | |
| ୧୩ | ୨୮/୧୮ | ବୋଲଡର | କାଶିବାହାଲ<br>(କାଶିବାହାଲଗ୍ରା. ପ.) | ୫୭୭ (ଖ) | ୧୪୪୨ (ଆ.ଅ.ଅ.) | ୭.୨୮ ରୁ ୩.୦୦ | ୧୩୦.୦୦ | |
| ୧୪ | ୨୫/୧୮ | ବୋଲଡର | ଡୁନଗାଁ (କାଶିବାହାଲ ଗ୍ରା. ପ.) | ୪୩୬ | ୭୯୧ (ଆ.ଅ.ଅ., ପଥର ବଣି) | ୧.୫୫ | ୧୩୦.୦୦ | |
| ୧୫ | ୩୦/୧୮ | ବୋଲଡର | ଧନସରା (କାଶିବାହାଲ ଗ୍ରା. ପ.) | ୩୨୮ | ୮୧୧ (ଆ.ଅ.ଅ., ଡୁଙ୍ଗରି) | ୧୧.୮୮ ରୁ ୫.୦୦ | ୧୩୦.୦୦ | |
| ରା. ନି. ମ. କୁସୁମଖୁଣ୍ଟି | | | | | | | | |
| ୧୬ | ୦୩/୧୮ | ବାଲି | ଡହଗାଁ (ଡହଗାଁ ଗ୍ରା. ପ.) | ୧୧ (ଖ) | ୧୮୯୭ (ନଦୀ) | ୧୮.୪୬ ରୁ ୨.୦୦ | ୩୫.୦୦ | |
| ୧୭ | ୦୪/୧୮ | ବାଲି | ଡହଗାଁ (ଡହଗାଁ ଗ୍ରା. ପ.) | ୧୧(କ) | ୧୮୯୭ (ନଦୀ) | ୧୮.୪୬ ରୁ ୨.୦୦ | ୩୫.୦୦ | |
| ୧୮ | ୭/୧୮ | ବାଲି | ଖୁଣ୍ଟିଆ (ଖୁଣ୍ଟିଆ ଗ୍ରା. ପ.) | ୨୬୬ | ୩୮୩ (ଆ.ଅ.ଅ.) (ନଦୀ) | ୧୮.୬୩ ରୁ ୫.୦୦ | ୩୫.୦୦ | |
| ୧୯ | ୧୨/୧୮ | ବୋଲଡର | ଡହଗାଁ (ଡହଗାଁ ଗ୍ରା. ପ.) | ୧୩ | ୨୩୧୨ , ୨୩୧୪ (ପଥର ଚଟାଣ) | ୨.୦୧ ରୁ ୧.୧୫<br>୦.୬୭ ରୁ ୦.୫୫ | ୧୩୦.୦୦ | |
| ୨୦ | ୧୩/୧୮ | ବୋଲଡର | ଡହଗାଁ (ଡହଗାଁ ଗ୍ରା. ପ.) | ୧୩ | ୨୨୭୩ (ପଥର ଚଟାଣ) | ୨.୨୪ | ୧୩୦.୦୦ | |
| ୨୧ | ୧୪/୧୮ | ବୋଲଡର | ଡହଗାଁ (ଡହଗାଁ ଗ୍ରା. ପ.) | ୧୩ | ୨୩୭୯ (ପଥର ଚଟାଣ) | ୪.୯୨ ରୁ ୨.୦୦ | ୧୩୦.୦୦ | |
| ୨୨ | ୧୧/୧୮ | ବୋଲଡର | ଓାରସମାଲ (ଡହଗାଁ ଗ୍ରା. ପ.) | ୩୦୮ | ୧୧୨୨ (ଆ.ଅ.ଅ.)(ଡୁଙ୍ଗରୀ) | ୪.୮୮ ରୁ ୨.୦୦ | ୧୩୦.୦୦ | |
| ୨୩ | ୦୨/୧୮ | ବାଲି | ଖପରାମାଲ (ମୂଷାପାଲି ଗ୍ରା. ପ.) | ୩୨୬ | ୯୭୦(ଆ.ଅ.ଅ.) | ୨୫.୨୬ ରୁ ୪.୦୦ | ୩୫.୦୦ | |

TAHASILDAR
KOKSARA